## ମୋହରିରଙ୍କୁ ପ୍ରାଣାନ୍ତକ ଆକ୍ରମଣ

**ଅନୁଗୋଳ ଅଫିସ, ୩୦।୭:** ଅନୁଗୋଳ ସିଭିଲ କୋର୍ଟରେ ମୋହରିର ବିମ୍ବାଧର ବେହେରାଙ୍କୁ ଶୁକ୍ରବାର କର୍ମଚାରୀ ରାଜୁ ବେହେରା ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅନୁଗୋଳ ପୋଲିସ ନଂ. ୪୦୮/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିମ୍ବାଧର ତାଙ୍କ କାର୍ଯ୍ୟ ସାରି ଘରକୁ ଫେରିବାକୁ ପ୍ରସ୍ତୁତ ହେଉଥିବା ବେଳେ ରାଜୁ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି । ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୧୨.୦୮.୨୦୨୨ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୧୬.୦୮.୨୦୨୨ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣ ଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | **ଭଞ୍ଜନଗର ଶାଖା, ଖଲାସି ଷ୍ଟ୍ରିଟ, ରେଡ୍‌କ୍ରସ୍ ରୋଡ୍, ଭଞ୍ଜନଗର ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ମାନସ ରଞ୍ଜନ ନାୟକ, ଫୋନ୍ ନଂ. ୭୦୦୮୩୭୫୪୨୭** | | |
| ୧. | ଅନିତା ପ୍ରଧାନ, ସ୍ୱାଃ ସୁରେନ୍ଦ୍ରନାଥ ପ୍ରଧାନ, ଲାଲସିଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୨୪୭୯୯ | ଟ.୨,୫୩,୮୦୭.୨୬ + ଲାଗୁ ହୋଇନଥିବା ସୁଧ | ୧୧୬.୯୦ |
| ୨. | ଡି. ତେଜେଶ୍ୱର ରାଓ, ପିଃ ଡି. ଗୋପି, ନହତୋଟା ସାହି, ଭଞ୍ଜନଗର / ୨୫୨୮୦୬୧୦୦୨୫୧୮୫ | ଟ.୨୯,୯୭୫.୧୧ + ଲାଗୁ ହୋଇନଥିବା ସୁଧ | ୧୩.୫୦ |
| ୩. | ଗଙ୍ଗା ପ୍ରଧାନ, ସ୍ୱାଃ ପଦ୍ମ ପ୍ରଧାନ, ତିଲିସାଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୩୨୧୦୭ | ଟ. ୫୯,୦୦୦/- + ଲାଗୁ ହୋଇନଥିବା ସୁଧ | ୨୫.୦୦ |
| ୪. | ଜାନକି ମାଝି, ସ୍ୱାଃ ରମେଶ ଚନ୍ଦ୍ର ମାଝି, ଲାଲସିଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୩୨୨୮୨ | ଟ. ୪୩,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୪୦ |
| ୫. | ଜିତେନ୍ଦ୍ର ବେହେରା, ପିଃ ଗୋବିନ୍ଦ ଚନ୍ଦ୍ର ବେହେରା, ଭଞ୍ଜମାର୍ଗ, ୟୁନିଟ୍-୬, ଲଣ୍ଡେଇ ସାହି, ଭଞ୍ଜନଗର / ୨୫୨୮୦୬୧୦୦୩୦୫୬୧ | ଟ. ୨୨,୧୩୭/- + ଲାଗୁ ହୋଇନଥିବା ସୁଧ | ୮.୩୦ |
| ୬. | କବିରାଜ ପ୍ରଧାନ, ପିଃ ଧୋବା ପ୍ରଧାନ, ସାନକୋଦଣ୍ଡା, ଭଞ୍ଜନଗର / ୨୫୨୮୦୬୧୦୦୩୦୦୨୮ | ଟ. ୧,୭୧,୦୦୦/- + ଲାଗୁ ହୋଇନଥିବା ସୁଧ | ୪୮.୦୦ |
| ୭. | ମନୋଜ କୁମାର ବାଡ଼ତ୍ୟା, ପିଃ ଜଗବନ୍ଧୁ ବାଡ଼ତ୍ୟା, ଭଞ୍ଜନଗର / ୨୫୨୮୦୬୧୦୦୨୪୭୩୭ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୯୦ |
| ୮. | ରୁନୁ ଗୌଡ଼, ସ୍ୱାଃ ରବି ନାରାୟଣ ଗୌଡ଼, ମାଙ୍କଡ଼କୁମ୍ଭା, ଲେମ୍ବା, ଭଞ୍ଜନଗର / ୨୫୨୮୦୬୧୦୦୩୩୨୨୭ | ଟ. ୮୦,୦୦୦/- + ଲାଗୁ ହୋଇନଥିବା ସୁଧ | ୩୦.୬୦ |
| ୯. | ସୁଶାନ୍ତ କୁମାର ସ୍ୱାଇଁ, ପିଃ ଯୁଧିଷ୍ଠିର ସ୍ୱାଇଁ, ବାହାଡ଼ପଦର, ଭଞ୍ଜନଗର / ୨୫୨୮୦୬୧୦୦୩୨୩୭୪ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୦୦ |
| | **ଗୋପାଳପୁର ଶାଖା, ଗୋପାଳପୁର, ଓଡ଼ିଶା ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ପ୍ରତିଭା ଭାରତୀ ସାନବର୍ଷା, ଫୋନ୍ ନଂ. ୮୯୧୭୩୯୯୭୨୮** | | |
| ୧. | ନରେଶ ଚନ୍ଦ୍ର ବେହେରା, ପିଃ ଖଗେଶ୍ୱର ବେହେରା, ହରିପୁର, ଗୋପାଳପୁର / ୨୧୫୦୦୬୧୦୦୨୬୬୬୨ | ଟ. ୪୧,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୬୫ |
| | **ସୁହାଗପୁର ଶାଖା, ଫକିର ସାହି, ନୟାହାଟ, ପୁରୀ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦିବ୍ୟଲୋଚନ ସାହୁ, ଫୋନ୍ ନଂ. ୭୮୯୪୩୩୫୨୬୬** | | |
| ୧. | ମାନସ ଓଝା, ପିଃ ଗୋଲେଖ ଓଝା, ସା-ଫକିର ସାହି, ସୁହାଗପୁର / ୨୪୬୧୦୬୧୦୦୧୩୬୮୭ | ଟ. ୧୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୦.୪୦ |
| | **ଫୁଲବାଣୀ ଶାଖା, ଫୁଲବାଣୀ, ଜିଲ୍ଲା-କନ୍ଧମାଳ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ନିର୍ମଳ କୁମାର ଦିଗଲ, ଫୋନ୍ ନଂ. ୯୪୩୯୩୧୩୬୦୫** | | |
| ୧. | ସୁଧାଂଶୁ ମୋହନ ମହାନ୍ତି, ପିଃ ସୁରେନ୍ଦ୍ରନାଥ ମହାନ୍ତି, ଆଇ.ସି.ଆଇ.ସି.ଆଇ ଲେନ୍, ମେନ୍ ରୋଡ୍, ଫୁଲବାଣି / ୦୮୧୩୦୬୧୦୦୧୯୫୧୧ | ଟ. ୪,୯୬,୧୬୩/- + ଲାଗୁ ହୋଇନଥିବା ସୁଧ | ୧୬୮.୮୦ |
| ୨. | ଅକ୍ଷୟ କୁମାର ନାୟକ, ପିଃ ସୁଧିର ନାୟକ, ସା-ନଦୀଖଣ୍ଡି ସାହି, ଫୁଲବାଣି / ୦୮୧୩୦୬୧୦୦୧୯୨୫୨ | ଟ. ୨୫,୯୬୩/- + ଲାଗୁ ହୋଇନଥିବା ସୁଧ | ୯.୭୦ |
| ୩. | ରେଣୁକା ଦେହୁରୀ, ପିଃ ସେବତୀ ଦେହୁରୀ, ନଦୀଖଣ୍ଡି ସାହି, ଫୁଲବାଣି / ୦୮୧୩୦୬୧୦୦୧୯୪୫୦ | ଟ. ୨୦,୦୦୦/- + ଲାଗୁ ହୋଇନଥିବା ସୁଧ | ୯.୦୦ |
| | **ମାଲକାନଗିରି ଶାଖା, ବସ ଷ୍ଟାଣ୍ଡ ନିକଟ, ଜିଲ୍ଲା-ମାଲକାନଗିରି ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସିମାଞ୍ଚଳ ଗାମ୍ଭା, ଫୋନ୍ ନଂ. ୮୦୯୩୫୯୦୭୫୬** | | |
| ୧. | କେ. ବାଲାରାଜୁ, ପିଃ କେ ରତ୍ନାଲୁ, ଚିଦାନନ୍ଦ ସାହି, ମାଲକାନାଗିରି / ୩୦୨୯୦୬୧୦୦୦୧୪୭୯ | ଟ. ୭୩,୫୦୦/- + ଲାଗୁ ହୋଇନଥିବା ସୁଧ | ୨୬.୬୫ |
| | **ଜାଆଁଳା ଶାଖା, ଜାଆଁଳା, ଜିଲ୍ଲା-ଖୋର୍ଦ୍ଧା ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁତପ ପଟ୍ଟନାୟକ, ଫୋନ୍ ନଂ. ୮୭୬୩୬୮୨୩୨୧** | | |
| ୧. | ସଚିନ କୁମାର ରାଉତ, ପିଃ ଲକ୍ଷ୍ମଣ ରାଉତ, ଗଙ୍ଗପଡ଼ା, ଖୋର୍ଦ୍ଧା / ୧୫୭୯୦୬୧୦୦୧୫୪୧୪ | ଟ. ୮୪,୯୦୦.୫୪ + ଲାଗୁ ହୋଇନଥିବା ସୁଧ | ୩୦.୦୫ |
| | **ଫିରିଙ୍ଗିଆ ଶାଖା, ଫିରିଙ୍ଗିଆ, ଜିଲ୍ଲା-କନ୍ଧମାଳ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭବାନୀଶଙ୍କର ମିଶ୍ର, ଫୋନ୍ ନଂ. ୯୪୩୮୨୧୨୦୩୨** | | |
| ୧. | ଅମୂଲ୍ୟ ସାହାଣୀ, ପିଃ ଜୟିଶର ସାହାଣୀ, ଡିମିରିଗୁଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୫୪୪୫ | ଟ. ୩୫,୩୮୨.୨୦ + ଲାଗୁ ହୋଇନଥିବା ସୁଧ | ୧୫.୨୦ |
| ୨. | ଅନିରୁଦ୍ଧ ଦିଗଲ, ପିଃ ଗଦାଧର ଦିଗଲ, ଖଜୁରୀପଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୯୯୮ | ଟ. ୫୦,୪୧୩/- + ଲାଗୁ ହୋଇନଥିବା ସୁଧ | ୧୯.୦୦ |
| ୩. | ସୁବାଷ ଚନ୍ଦ୍ର ଦିଗଲ, ପିଃ ଚତୁର୍ଭୁଜ ଦିଗଲ, ଖଜୁରୀପଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୭୧୪ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୫.୦୦ |
| ୪. | ବିଦ୍ୟାଧର କହ୍ନାର, ପିଃ ଦୟିଲି କହ୍ନାର, ପଙ୍ଗା, ସଦିଙ୍ଗିଆ, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୯୧୨ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୭୦ |
| | **ରାଇକିଆ ଶାଖା, ରାଇକିଆ, ଜିଲ୍ଲା-କନ୍ଧମାଳ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭୁଷଣ ଶବର, ଫୋନ୍ ନଂ. ୯୪୩୭୪୫୯୨୮୦** | | |
| ୧. | ଅନନ୍ତ ଦିଗଲ, ପିଃ ତ୍ରିନାଥ ଦିଗଲ, କରଦା, ରାଇକିଆ / ୦୮୧୦୦୬୧୦୦୧୬୦୧୫ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୧.୦୦ |
| ୨. | ପୂର୍ଣ୍ଣମାଳା ଦିଗଲ, ସ୍ୱାଃ ପ୍ରଦିମାନ ଦିଗଲ, ଅଲଙ୍ଗକୂପ, ଲୁମିନଗିଆ, ରାଇକିଆ / ୦୮୧୦୦୬୧୦୦୧୬୫୬୫ | ଟ. ୩୦,୦୦୦/- + ଲାଗୁ ହୋଇନଥିବା ସୁଧ | ୮.୫୦ |
| ୩. | ଚନ୍ଦନ ପ୍ରଧାନ, ପିଃ ରେଜିନା ପ୍ରଧାନ, ରାଜେଣିପାଟ, ଗୁନ୍ଧାଣି, ରାଇକିଆ / ୦୮୧୦୦୬୧୦୦୧୬୮୮୬ | ଟ. ୩୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୦.୦୦ |
| ୪. | ସୁନେଲି ନାୟକ, ପିଃ ମାସେସ ନାୟକ, ପଡ଼ିଶିଳା, ରାଇକିଆ / ୦୮୧୦୦୬୧୦୦୧୩୦୬୯ | ଟ. ୨୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୧୧ |
| | **ବଡ଼ଖୋଲି ଶାଖା, ବଡ଼ଖୋଲି, ଭାୟା-ଆସ୍କା, ବ୍ରହ୍ମପୁର ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦେବବ୍ରତ ପ୍ରଧାନ, ଫୋନ୍ ନଂ. ୭୭୪୯୦୦୦୮୭୮** | | |
| ୧. | ତ୍ରିଲୋଚନ ବାଡ଼ତ୍ୟା, ପିଃ ଶ୍ୟାମଘନ ବାଡ଼ତ୍ୟା, ଭେଟନଇ, ଗଞ୍ଜାମ / ୧୧୬୦୦୬୧୦୦୨୪୯୭୩ | ଟ. ୧,୩୪,୦୦୦/- + ଲାଗୁ ହୋଇନଥିବା ସୁଧ | ୪୬.୧୭ |
| ୨. | ତ୍ରିଲୋଚନ ବାଡ଼ତ୍ୟା, ପିଃ ଶ୍ୟାମଘନ ବାଡ଼ତ୍ୟା, ଭେଟନଇ, ଗଞ୍ଜାମ /୧୧୬୦୦୬୧୦୦୨୫୭୭୨ | ଟ. ୩୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୩୦ |
| | **ବିଦ୍ୟୁତ ମାର୍ଗ ଶାଖା, ବିଦ୍ୟୁତ୍ ମାର୍ଗ, ଶିକ୍ଷା ସୁଦ୍ଧା (ଓପିଇପିଏ), ୟୁନିଟ୍-୫, ଭୁବନେଶ୍ୱର ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୌମ୍ୟା ସୁଚରିତା ପଟ୍ଟନାୟକ, ଫୋନ୍ ନଂ. ୮୭୬୩୯୯୨୯୪୦** | | |
| ୧. | ଗୋଲେଖ ଚନ୍ଦ୍ର ସାହୁ, ପିଃ ଧନେଶ୍ୱର ସାହୁ, ଘର ନଂ. ୨ଆର୍‌ଏ-୨୮/୬, ଓଏମ୍‌ସି କଲୋନୀ, ୟୁନିଟ୍-୮, ଭୁବନେଶ୍ୱର/୨୦୭୪୦୬୧୦୦୧୩୨୩୬ | ଟ. ୮୧,୫୯୫/- + ଲାଗୁ ହୋଇନଥିବା ସୁଧ | ୨୯.୦୦ |
| | **କଲେଜ ଛକ ଶାଖା, କଲେଜ ଛକ, କଟକ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁଦିପ୍ତ ମିଶ୍ର, ଫୋନ୍ ନଂ. ୮୦୧୮୩୫୫୬୧୪** | | |
| ୧. | ଅନ୍ନପୂର୍ଣ୍ଣା ଦାସ, ସ୍ୱାଃ ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ / ୦୨୪୫୦୬୧୦୦୨୨୭୪୦ | ଟ. ୬୬,୪୦୭/- + ଲାଗୁ ହୋଇନଥିବା ସୁଧ | ୨୩.୮୬ |
| ୨. | ଅନ୍ନପୂର୍ଣ୍ଣା ଦାସ, ସ୍ୱାଃ ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ /୦୨୪୫୦୬୧୦୦୧୪୭୬୯ | ଟ. ୬୫,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୦୭ |
| ୩. | ଅନ୍ନପୂର୍ଣ୍ଣା ଦାସ, ସ୍ୱାଃ ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ / ୦୨୪୫୦୬୧୦୦୧୪୭୩୮ | ଟ. ୫୭,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୫୦ |
| ୪. | ରାଧାରାଣୀ ସାହୁ, ସ୍ୱାଃ ଲକ୍ଷଭୁଷଣ ସାହୁ, ତେଲିସାହି, ରାଣିହାଟ, କଟକ / ୦୨୪୫୦୬୧୦୦୧୯୦୧୬ | ଟ. ୪୮,୫୦୦/- + ଲାଗୁ ହୋଇନଥିବା ସୁଧ | ୧୫.୯୮ |
| ୫. | ଅଶୋକ କୁମାର ସ୍ୱାଇଁ, ପିଃ ସ୍ୱର୍ଗତଃ ରତ୍ନାକର ସ୍ୱାଇଁ, ସର୍ଗୋଲ, ନୂଆବଜାର, କଟକ / ୦୨୪୫୦୬୧୦୦୧୯୮୬୩ | ଟ. ୧,୫୪,୬୦୦/- + ଲାଗୁ ହୋଇନଥିବା ସୁଧ | ୪୬.୪୨ |
| ୬. | ପୁଷ୍ପଲତା ପରିଡ଼ା, ମାର୍ଫତ-ଅଶିତ କୁମାର ଜେନା, ନିଷ୍ପିପୁର, ଘାସିପୁଟ, ବାଙ୍କି, କଟକ / ୦୨୪୫୦୬୧୦୦୧୯୨୦୭ | ଟ. ୨,୬୦,୦୦୦/- + ଲାଗୁ ହୋଇନଥିବା ସୁଧ | ୭୬.୬୭ |
| | **ସାତପାଟଣା ଶାଖା, ସାତପାଟଣା, ଦଶପଲ୍ଲା, ନୟାଗଡ଼ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ପି. କେ. ମିଶ୍ର , ଫୋନ୍ ନଂ. ୯୧୨୩୮୧୭୭୪୮** | | |
| ୧. | ପିଙ୍କି ପ୍ରଧାନ, ସ୍ୱାଃ ସୁରେଶ ପରିଡ଼ା, ଖମାର ସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୬୫୫୭ | ଟ. ୪୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୪.୨୦ |
| ୨. | ପ୍ରଭାତି ବାରିକ, ସ୍ୱାଃ ଦିପକ ବାରିକ, ଜଗପୁର ରୋଡ୍, ସିମିଳି ସାହି, ଦଶପଲ୍ଲା / ୦୪୦୦୦୬୧୦୦୨୭୦୩୫ | ଟ. ୬୮,୦୦୦/- + ଲାଗୁ ହୋଇନଥିବା ସୁଧ | ୨୬.୪୦ |
| ୩. | ଦୁଷ୍ମନ୍ତ ପ୍ରଧାନ, ପିଃ ପ୍ରାଣବନ୍ଧୁ ପ୍ରଧାନ, ଖମାର ସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୭୦୮୦ | ଟ. ୬୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୮୦ |
| ୪. | ରମେଶ ମଳିକ, ପିଃ କାଶିନାଥ ମଳିକ, ଉଦୁଦା, ପୋଖରୀଗୋଛା, ଦଶପଲ୍ଲା / ୦୪୦୦୦୬୧୦୦୧୯୧୯୧ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୨୦ |
| ୫. | ଶାରସ୍ୱତ ନାୟକ, ପିଃ ଋଷି ନାୟକ, ଭାଗମୁଣ୍ଡା, ଜାମୁସାହି, ବାଣିଗୋଛା, ଦଶପଲ୍ଲା / ୦୪୦୦୦୬୧୦୦୧୮୮୬୬ | ଟ. ୧୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୪୦ |
| ୬. | ଭରତ ନାଏକ, ପିଃ କାର୍ତ୍ତିକ ନାଏକ, କେ.ସି. ପାଟଣା, ସାତପାଟଣା / ୦୪୦୦୦୬୧୦୦୧୮୪୭୭ | ଟ. ୨୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୨.୪୦ |
| ୭. | ଭରତ ନାଏକ, ପିଃ କାର୍ତ୍ତିକ ନାଏକ, କେ.ସି. ପାଟଣା, ସାତପାଟଣା / ୦୪୦୦୦୬୧୦୦୨୦୩୪୦ | ଟ. ୨୩,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୩୦ |
| ୮. | ସୁଜାତା ଦାସ, ସ୍ୱାଃ ଅନନ୍ତ ଦାସ, ଆରସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୧୦୬୪ | ଟ. ୨୨,୬୧୪/- + ଲାଗୁ ହୋଇନଥିବା ସୁଧ | ୧୫.୩୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର **୨୫%** ଅମାନତ ରାଶି ରୂପେ ଜମା କରିବେ ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୩୦.୦୭.୨୦୨୨** | **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**


# ତୁଳସୀପାଳ, ଗଡ଼ସନ୍ତ୍ରୀ ଉତ୍ସବମୁଖର



**ବଅଁରପାଳ, ୩୦।୭ (ଡି.ଏନ.ଏ.)**

### ଆଜି ମା'ଲୋଭୀଙ୍କ ତାଳ ନୂଆଁ ପର୍ବ

ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳର ପ୍ରତ୍ୟକ୍ଷ ଦେବୀ ମା' ଲୋଭୀ ଠାକୁରାଣୀଙ୍କ ତାଳନୂଆଁ ପର୍ବ ରବିବାର ପାଳିତ ହେବ। ଏହାକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ଉଭୟ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମବାସୀ ବେଶ୍ ତତ୍ପର ହୋଇପଡିଛନ୍ତି। ଦେବୀଙ୍କ ଆଲମଘର ତୁଳସୀପାଳଠାରେ ଥିବାବେଳେ ମା'ଙ୍କ ପୀଠସ୍ଥଳୀ ରହିଛି ଗଡ଼ସନ୍ତ୍ରୀ ଗ୍ରାମରେ। ପ୍ରତିବର୍ଷ ଶ୍ରାବଣ ମାସରେ ଦେବୀଙ୍କ ଏହି ପର୍ବ ପାଳିତ ହୋଇଥାଏ। ପର୍ବଦିନ ସକାଳେ ଶୋଭାଯାତ୍ରାରେ ଦେବୀଙ୍କ ଆଲମକୁ ଯାତ୍ରା ପୀଠକୁ ଅଣାଯାଏ। ଏହାପରେ ପୀଠରେ ମାଜଣା ପର୍ବ ସହ ବଡ଼ ପୂଜା ଅନୁଷ୍ଠିତ ହୋଇଥାଏ। ନୂଆ ଚାଉଳ, ବିଭିନ୍ନ ଶସ୍ୟ ଓ ତାଳ ମା'ଙ୍କଠାରେ ଭୋଗ ଲାଗି କରାଯାଏ। ମା'ଙ୍କଠାରେ ଏହି ନୂଆ ଶସ୍ୟ ଓ ଫଳ ଭୋଗ କରାଯିବା ପରେ ଯାଇ ଉଭୟ ଗ୍ରାମବାସୀ ଏସବୁ ସାମଗ୍ରୀକୁ ବ୍ୟବହାର କରିଥାନ୍ତି। ବହୁ ଶ୍ରଦ୍ଧାଳୁ ମା'ଙ୍କଠାରେ ଅଧିଆ ପଡିବା ସହ ବହୁ ଶିଶୁଙ୍କ ମୁଣ୍ଡନ କରାଯାଏ। ଏଥିପାଇଁ ଦୁଇ ଗ୍ରାମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଆରମ୍ଭ ହୋଇଗଲାଣି। ଘରେ ଘରେ ବନ୍ଧୁ ବାନ୍ଧବ ପହଞ୍ଚି ସାରିଲେଣି। ପୂଜା ପାଇଁ ବିଭିନ୍ନ ଶସ୍ୟରେ ପିଠାପଣା ପ୍ରସ୍ତୁତ କରାଯାଇଛି।

#### ଲାଗି ନ ହେଲା ଯାଏ ବ୍ୟବହାର ମନା



"ଶ୍ରାବଣରେ ମା'ଙ୍କ ପୀଠରେ ତାଳନୂଆଁ ପର୍ବ ପାଳନ ବେଳେ ନୂଆ ଶସ୍ୟ ଓ ତାଳ ଭୋଗଲାଗି କରାଯାଏ। ଏହା ପୂର୍ବରୁ ଗ୍ରାମରେ କେହି ନୂଆ ଶସ୍ୟ ଓ ତାଳ ବ୍ୟବହାର କରି ନ ଥାନ୍ତି। ଏପରି କି ନୂଆ ଫଳ ମଧ କେହି ଖାଆନ୍ତି ନାହିଁ।

-ସୁନୀଲ ମାଝି, ମନ୍ଦିର ଟ୍ରଷ୍ଟ ସଭାପତି

#### ଗୋଡ଼ ଢିଙ୍କିକୁ ବାରଣ



"କାଳେ ମା'ଙ୍କ କୋପ ଦୃଷ୍ଟି ପଡ଼ିବ ସେଥିପାଇଁ ଗାଁରେ ଗୋଡ଼ ଢିଙ୍କି ବ୍ୟବହାର କରାଯାଏ ନାହିଁ। ତେଣୁ ଘରେ ଘରେ ହାତ ଢିଙ୍କି ରହିଛି। ଏଥିରେ ନୂଆ ଶସ୍ୟ କୁଟା ଯାଇଥାଏ। ଦୀର୍ଘବର୍ଷ ହେଲା ଏହି ବିଶ୍ୱାସ ଓ ପରମ୍ପରାକୁ ସମସ୍ତେ ମାନି ଆସିଛନ୍ତି।

-ବାଉରୀ ବନ୍ଧୁ ସାହୁ, ତୁଳସୀପାଳ

#### କଳାବସ୍ତ୍ର ପରିଧାନ ମନା



"ମା' ଲୋଭୀ କଳା ବସ୍ତ୍ର ପରିଧାନ କରୁଥିବାରୁ ଏହି ରଙ୍ଗର ପୋଷାକ ଗ୍ରାମର କେହି ପିନ୍ଧି ନ ଥାନ୍ତି। ଅମଙ୍ଗଳ ଘଟିବା ଆଶଙ୍କା ନେଇ ସମସ୍ତେ ଏହି ପରମ୍ପରାକୁ ବଜାୟ ରଖି ଆସିଛନ୍ତି। ତେଣୁ ଏଠାରେ କଳା ବସ୍ତ୍ର ପରିଧାନ ଗ୍ରାମବାସୀଙ୍କ ପାଇଁ ମନା।

-ପ୍ରତ୍ୟୁଷ ସାହୁ, ଗଡସନ୍ତ୍ରୀ

#### ବହୁ ଶ୍ରଦ୍ଧାଳୁ ଅଧିଆ ପଡ଼ନ୍ତି



"ଲୋଭୀ ଠାକୁରାଣୀଙ୍କ ପୂଜା ପାଳନ ବେଳେ ଏଠାରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ମା'ଙ୍କ ନିକଟରେ ଭୋଗଲାଗି କରିବା ସହ ମାନସିକଧାରୀମାନେ ଅଧିଆ ପଡ଼ୁଥିବା ଦେଖାଯାଇଥାଏ।

-ଜୟନ୍ତୀ ଗଡ଼ନାୟକ, ଶ୍ରଦ୍ଧାଳୁ

# ବିଦ୍ୟାଳୟ ଗୃହ ନିର୍ମାଣ ନିମ୍ନମାନର ଅଭିଯୋଗ

**ବଇଣ୍ଡା,୩୦।୭ (ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରେ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ ହେଉଛି। ହେଲେ ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ଗ୍ରାମବାସୀ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ପରେ କାର୍ଯ୍ୟ ଠିକ୍ ହେଉ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି, ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ନିମନ୍ତେ ଏହି



ନିର୍ମାଣ ହେଉଥିବା ସ୍କୁଲ ଗୃହ।

ବିଦ୍ୟାଳୟ ଭଙ୍ଗା ଯାଇଥିଲା। ଏହାର ନୂଆ ଶ୍ରେଣୀଗୃହ ବିଦ୍ୟାଳୟ ପାର୍ଶ୍ୱ ଜମିରେ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ହେଲେ ପ୍ରଶାସନ ତାହା ନ ଶୁଣି ବଇଣ୍ଡା ରାମଦେଓ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଉଚ୍ଚ ବିଦ୍ୟାଳୟର ଛାତ୍ର ନିବାସ ଭାଙ୍ଗି ଉକ୍ତ ଜମିରେ ନୂତନ ଗୃହ ନିର୍ମାଣ ଚଳାଇଛି। ଏଥିପାଇଁ ୧ କୋଟି ୬୫ ଲକ୍ଷ ୬୪ ହଜାର ୧୩୨ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ରାଜପଥ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଏହି ନିର୍ମାଣ ଦାୟିତ୍ୱ ନେଇଛି। ଅକ୍ଟୋବର ୨୦୨୧ରେ କାର୍ଯ୍ୟ ଆରମ୍ଭ ବେଳେ ଗ୍ରାମବାସୀ ନିମ୍ନମାନର ନିର୍ମାଣ ଦେଖି ଜିଲାପାଳଙ୍କ ନିକଟରେ ୨୦୨୧ ନଭେମ୍ବରରେ ଅଭିଯୋଗ କରିଥିଲେ। ପ୍ରଶାସନ ଏହାର ତଦନ୍ତ କରି କାମ ବନ୍ଦ କରିଥିଲା। ନୂତନ ଭାବେ କାର୍ଯ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ପରେ ଜୁନ ୨୦୨୨ରେ ପୁଣି କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ ତଦାରଖ କରୁନଥିବାରୁ ଠିକା ସଂସ୍ଥା ପୁଣି ନିମ୍ନମାନର କାର୍ଯ୍ୟ କରୁଛି। ତୁରନ୍ତ ଏହାର ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ଗ୍ରାମ ସମ୍ପାଦକ ଜିତେନ୍ଦ୍ର କୁମାର ବେହେରା, ଭଗବାନ ଘିଓ୍ୱାଲା, ରମାକାନ୍ତ ବେହେରା, ପ୍ରଶ୍ନ ବେହେରା, ଅରବିନ୍ଦ ସାହୁ, ରମେଶ କୁମାର ବେହେରା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀ ସୁଧାକର ପ୍ରଧାନ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗର ତର୍ଜମା କରାଯାଇ ପଦକ୍ଷେପ ନିଆଯିବ।



ତାଳଚେର ଗଡ଼ଜାତ ଆନ୍ଦୋଳନର ଜନନାୟକ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ରମୋହନ ପ୍ରଧାନଙ୍କ ରଚିତ କବିତା ସଙ୍କଳନ 'ପବିତ୍ର ଗ୍ରନ୍ଥାବଳୀ'କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରୁଛନ୍ତି। କଣିହାଁ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ, ପ୍ରଣାମ ସଂଗ୍ରାମୀ ସଂସ୍ଥାନର ଦେବେନ୍ଦ୍ର ବାରିକ ଓ ଲୋକନାଥ ସାହୁ ପ୍ରମୁଖ ଏହି ଗ୍ରନ୍ଥାବଳୀ ନେଇ ଦିଲ୍ଲୀ ଯାଇଥିଲେ।


**UTKAL UNIVERSITY**
**M.TECH (IT)**
CENTER FOR IT EDUCATION
(Accredited A+ by NAAC) DEPARTMENT OF STATISTICS, UTKAL UNIVERSITY

**ADMISSION 2022-23**

Applications are invited for Admission for the 2 year Full time program on M.Tech in Information Technology in the Department for the Academic Session 2022-23 under PPP mode.

**ELIGIBILITY FOR ADMISSION**

(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(II) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level).

Candidates those who have appeared the final Examination/waiting for final result may provisionally be admitted in to M.Tech (IT) course, provided that such candidates shall submit their pass result & CLC before filling up forms for the 1st Semester Examination.

**IMPORTANT DATES**

**Last date of issue & submission of the application form 23.08.2022**
**Date of Entrance Test: 27.08.2022**

Course Director, Centre for IT Education, M.TECH.(IT)
Department of Statistics, Utkal University,
Vani Vihar, Bhubaneswar-751004,
Tel: 0674 - 2567711 / 9438014469 / 6371615706
Website : www.citeutkal.com
e-mail : citeutkal@gmail.com / centreforiteducation@gmail.com

**Chairman, P.G. Council**


# ଗଭୀର କୂପ କାର୍ଯ୍ୟାଦେଶ ବଣ୍ଟନ

**ମାଧପୁର,୩୦।୭:** ଆଠମଲ୍ଲିକ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଶନିବାର ଆଠମଲ୍ଲିକ, ମାଧପୁର, ଧଣ୍ଡାତୋପା ବନାଞ୍ଚଳର ୪୯ ହିତାଧିକାରୀଙ୍କୁ ଗଭୀର କୂପ ଖନନ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହାସହିତ ୪ଟି ଭି.ଏସ.ଏସ ଗ୍ରାମକୁ ମୁଢିକଳ ବିତରଣ କରାଯାଇଛି। ମୁଖ୍ୟଅତିଥି ଭାବେ ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ ଯୋଗଦେଇ ୪୯ ଜଣ ହିତାଧିକାରୀଙ୍କୁ ଗଭୀର କୂପଖନନ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଉକ୍ତ କୂପଗୁଡିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଖୋଳାଯିବ। ଏସିଏଫ ଗୌରୀଶଙ୍କର ଦାସ, ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ଭୋଇ, ବିଷୟ ବିଶେଷଜ୍ଞ ଗିରିଜା ଶଙ୍କର ଦାସ, କ୍ଷେତ୍ର ସଂଯୋଜକ କିଶୋରୀ ବଲ୍ଲବ ନନ୍ଦ, ବାସୁଦେବ ଚାଉଳିଆ, କବିରାଜ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଆଠମଲ୍ଲିକ ବନାଞ୍ଚଳର ହରିହରପୁର, ମାଧପୁର ବନାଞ୍ଚଳର ଗୌତମପୁର, ସୁବର୍ଣ୍ଣପୁର ଏବଂ ବାମୁର ବନାଞ୍ଚଳର ଚମ୍ପାପୁର ବନସୁରକ୍ଷା ସମିତିକୁ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ ଗୋଟିଏ ଗୋଟିଏ ମୁଢିକଳ ବିତରଣ କରିଥିଲେ।



ବନ ସୁରକ୍ଷା ସମିତିକୁ ମୁଢି କଳ ବିତରଣ କରାଯାଉଛି।


**P.G. CENTRAL OFFICE**
**UTKAL UNIVERSITY**
**VANI VIHAR, BHUBANESWAR - 4**
(Accredited A+ by NAAC)

**NOTIFICATION**

**No.CPG/Aca/11/618/2022** **Dated: 30.07.2022**

**ENTRANCE TEST & ADMISSION NOTIFICATION, 2022 - 23**

Utkal University, the mother University of Odisha invites online applications for admission into following Sponsored Courses for the session 2022-23. Students awaiting Final Degree results can also apply for the entrance tests for admission.

**Sponsored Courses**

| Name of the Course | Online Application Period | Date of Entrance Exam |
|---|---|---|
| 5 Years Integrated MBA | 02.08.2022 to 16.08.2022 | 21.08.2022 |
| Lateral Entry into IMBA | 02.08.2022 to 16.08.2022 | 21.08.2022 |
| 5 Years Integrated MCA | 02.08.2022 to 16.08.2022 | 21.08.2022 |
| 4 Years Integrated BA B.Ed | 02.08.2022 to 22.08.2022 | 28.08.2022 |
| B.Ed(Arts) & B.Ed (Science) | 02.08.2022 to 30.08.2022 | 04.09.2022 |
| M.Ed. | 02.08.2022 to 30.08.2022 | 06.09.2022 |

**NB:-**
- Candidates are required to submit hard copy of online application along with relevant documents on the date of Entrance Test in respective Departments.
- Admit cards indicating details of Date, time and venue of examination will be uploaded in University website three days before the entrance test.
- Details regarding admission and other related information can be obtained from Information Bulletin available in University website.

**How to apply**

Visit Utkal University website at **www.utkaluniversity.ac.in** for procedure of E-admission 2022-23, guidelines for Application and Fees etc.
Incase of any query write to- **helpdesk.uueadmission@gmail.com**

**NB: No admission shall be given to a candidate for any of the above Courses for the second time.**

**Chairman, P.G. Council**

## ସଂକ୍ଷେପରେ

### କଳା ପରିଷଦ ଭବନ ତାଲା ଭାଙ୍ଗିଲା



**ଢେଙ୍କାନାଳ ଅଫିସ, ୩୦।୭:** ଢେଙ୍କାନାଳ କପିଳାସ ଶୈବପୀଠ ପରିସରରେ ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା କଳା ପରିଷଦ ଭବନର ତାଲା ଶନିବାର ଭଙ୍ଗାଯାଇଛି। ମାଜିଷ୍ଟ୍ରେଟ୍ ଭାବେ ଗଁଦିଆ ଅତିରିକ୍ତ ତହସିଲଦାର ଗୀତୁ ବେହେରା ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ତାଲା ଭଙ୍ଗାଯିବା ପରେ ପ୍ରକୋଷ୍ଠ ସମେତ ଆଖପାଖ ଅଞ୍ଚଳ ପରିଷ୍କାର କରାଯାଇଛି। ଶ୍ରଦ୍ଧାଳୁମାନେ ଯେପରି ବର୍ଷତମାମ ଏହାକୁ ବ୍ୟବହାର କରିପାରିବେ ସେହି ବ୍ୟବସ୍ଥା କରାଯାଉଛି। ସୂଚନାଯୋଗ୍ୟ, ବିନା କାରଣରେ ଦୀର୍ଘଦିନ ଧରି ଉକ୍ତ ଭବନକୁ ତାଲା ପକାଇ ରଖାଯାଇଥିଲା। ପର୍ଯ୍ୟଟକ, ଶ୍ରଦ୍ଧାଳୁମାନେ ବିଶ୍ରାମ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ନେଇ ପୂର୍ବତନ ବିଧାୟକ ନବୀନ ନନ୍ଦ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ।

### ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଢେଙ୍କାନାଳ ଅଫିସ, ୩୦।୭:** ଢେଙ୍କାନାଳ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ସିଲେଇ ଶିକ୍ଷୟିତ୍ରୀ ସନ୍ଧ୍ୟାବାଳା ମହାନ୍ତିଙ୍କୁ ଶନିବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟ କୁଶଳତାର ପ୍ରଶଂସା କରିବା ସହ ନିରାମୟ ଜୀବନ କାମନା କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ନାଥ, ବଧିର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ମଞ୍ଚାସୀନ ଥିବାବେଳେ କର୍ମଚାରୀ ବଳରାମ ସାହୁ ଧନ୍ୟବାଦ ଦେଇଥିଲେ।

### ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୩୦।୭:** ଢେଙ୍କାନାଳ ମେହେନ୍ତର ସଂଘ କାର୍ଯ୍ୟାଳୟଠାରେ ଶନିବାର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ସମାଜବାଦୀ ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶ୍ରମିକ ନେତା ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ହିନ୍ଦ୍ ମଜଦୁର ସଂଘର ବରିଷ୍ଠ ଶ୍ରମିକ ନେତା ଉତ୍କଳମଣି ଶତପଥୀ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ରାଜେନ୍ଦ୍ର ପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରମିକ ନେତା ଘନଶ୍ୟାମ ସାହୁ, ସଂଘର ସାଧାରଣ ସମ୍ପାଦକ ଗୀତାଞ୍ଜଳି ପାଣି, ମେଡିକାଲ କର୍ମଚାରୀ ସଂଘ କର୍ମକର୍ତ୍ତା ସୁନୀଲ ସାହୁ, ବାବୁ ଜେନା, ମୁନା ଜେନା, ମୋହନ ଜେନା, କୁର୍ଭି ନାୟକ, କଳ୍ପନା ବେହେରା, ଆକାଶ ନାୟକ ପ୍ରମୁଖ ଶୋଷଣବିହୀନ ସମାଜ ଗଠନ ଲାଗି ରାଜେନ୍ଦ୍ର ପ୍ରସାଦ କରିଥିବା ଉଦ୍ୟମର ସ୍ମୃତିଚାରଣ କରିଥିଲେ।

# ଆରମ୍ଭ ହେବ ମୁକ୍ତାକାଶ ଶିକ୍ଷା

**ଢେଙ୍କାନାଳ ଅଫିସ, ୩୦।୭**



ଶିକ୍ଷାର ସାମଗ୍ରିକ ବିକାଶ ସମ୍ପର୍କିତ ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- ତୃତୀୟ ପର୍ଯ୍ୟାୟରେ ୫୩ ସ୍କୁଲ ରୂପାନ୍ତରଣ
- ନିଯୁକ୍ତ ହେବେ ୧୨୯ ଶିକ୍ଷୟିତ୍ରୀ, ଶିକ୍ଷକ
- ଶିକ୍ଷାଦାନରେ ନିୟୋଜିତ ହେବେ ଅତିଥି ଶିକ୍ଷକ

ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ କରାଯିବ। ବିଭିନ୍ନ ସ୍କୁଲରେ ଖାଲି ପଡ଼ିଥିବା ପଦବୀ ପୂରଣ ହେବ। ଆବଶ୍ୟକ ସ୍ଥଳେ ଅତିଥି ଶିକ୍ଷକଙ୍କୁ ଶିକ୍ଷାଦାନରେ ନିୟୋଜିତ କରାଯିବ। ସ୍ୱତନ୍ତ୍ର ଭାବେ ଗୋଟିଏ ପିରିଡ୍ ମୁକ୍ତାକାଶ ଶିକ୍ଷା ଲାଗି ସଂରକ୍ଷିତ ରହିବ। ଶିକ୍ଷାକ୍ଷେତ୍ରରେ ଢେଙ୍କାନାଳ ଜିଲାକୁ ଅଗ୍ରଣୀ କରିବା ଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବାବେଳେ ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ।

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାରେ ଶିକ୍ଷାର ସାମଗ୍ରିକ ବିକାଶ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାନେତ୍ରୀ ପୁହାଣ ଆଲୋଚନାରେ ଅଂଶଗ୍ରହଣ କରି ଶିକ୍ଷାକ୍ଷେତ୍ରରେ ଢେଙ୍କାନାଳକୁ ରାଜ୍ୟର ଅଗ୍ରଣୀ ଜିଲା କରିବା ଲାଗି ଆହ୍ୱାନ କରିଥିଲେ। ଏଥିଲାଗି ସରପଞ୍ଚ, ପ୍ରଧାନ ଶିକ୍ଷକ, ଅଭିଭାବକ, ଆଲୁମ୍ନି ସଂଘ ସଦସ୍ୟଙ୍କୁ ସହଯୋଗ ମନୋଭାବ ନେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଛନ୍ତି। ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମରେ ସମ୍ପର୍କରେ ସୂଚନା ଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଜିଲାରେ ତୃତୀୟ ପର୍ଯ୍ୟାୟରେ ୫୩ଟି ବିଦ୍ୟାଳୟର ରୂପାନ୍ତରଣ ହେବ। ଶିକ୍ଷକ ଅଭାବ ପୂରଣ ପାଇଁ ୧୨୯ ନୂଆ ନିଯୁକ୍ତି ଦିଆଯିବ। ବିଭିନ୍ନ ବିଦ୍ୟାଳୟରେ ଅତିଥି ଶିକ୍ଷକ (ଗେଷ୍ଟ ଟିଚର) ନିଯୁକ୍ତି ପାଇବେ। '୫–ଟି' ଅନ୍ତର୍ଭୁକ୍ତ ସମସ୍ତ ସ୍କୁଲରେ ସାଇନ୍ସ ଲାବ୍, ଇ–ଲାଇବ୍ରେରି, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା କରାଯିବ। ଖେଳକୁଦ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ଆବଶ୍ୟକ କ୍ରୀଡ଼ା ଉପକରଣ ଯୋଗାଇ ଦିଆଯିବ। ସ୍କୁଲ ସୌନ୍ଦର୍ଯ୍ୟକରଣ କରାଯିବା ସହିତ ବନ ବିଦ୍ୟାଳୟ ଢାଞ୍ଚାରେ ଗୋଟିଏ ସ୍ୱତନ୍ତ୍ର ପିରିୟଡ୍ ରହିବ। ପିଲାଙ୍କୁ ମୁକ୍ତାକାଶ ମଞ୍ଚରେ ନୃତ୍ୟଗୀତ, ବାଦ୍ୟଯନ୍ତ୍ର ସହ ନୈତିକ ଶିକ୍ଷା ପ୍ରଦାନ କରାଯିବ। ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ପଢିବା ପାଇଁ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୫୦% ସ୍ଥାନ ସଂରକ୍ଷିତ ରହିବ। ବିଦ୍ୟାଳୟର ସମସ୍ତ ଆନୁଷଙ୍ଗିକ ଉପକରଣ ସରପଞ୍ଚମାନେ ତଦାରଖ କରିବେ। ବିଦ୍ୟାଳୟ ପରିସରରେ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯିବ। ଜରାଜୀର୍ଣ୍ଣ ହୋଇପଡ଼ିଥିବା ବିଦ୍ୟାଳୟରେ ନୂତନ ଗୃହ ନିର୍ମାଣ କରାଯିବ।

ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣିଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଭାପତି ଉପସ୍ଥିତ ଥିଲେ।

# ସମସ୍ୟା ବୁଝିବ ଷ୍ଟାଣ୍ଡିଂ କମିଟି

**ଭୁବନ, ୩୦।୭(ଡି.ଏନ୍.ଏ.)**

ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷାର ମାନ ବୃଦ୍ଧି ଲାଗି ଢେଙ୍କାନାଳ ଜିଲା ଭୁବନ ଏନ୍ଏସିରେ ଶନିବାର ଷ୍ଟାଣ୍ଡିଂ କମିଟି ଗଠିତ ହୋଇଛି। ଉକ୍ତ କମିଟି ନିୟମିତ ବ୍ୟବଧାନରେ ସ୍କୁଲ ପରିଦର୍ଶନ କରିବ। ସମସ୍ୟା ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଷ୍ଟାଣ୍ଡିଂ କମିଟିର କାର୍ଯ୍ୟକାରିତା ନେଇ ଏନ୍ଏସି ସଭାଗୃହରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ସମ୍ମାନିତ ଅତିଥି ସିଆର୍ସିସି ଶତ୍ରୁଘ୍ନ ପାତ୍ର, ବିଭିନ୍ନ ୱାର୍ଡର କାଉନ୍ସିଲର, ଏନ୍ଏସି ଅନ୍ତର୍ଗତ ସମସ୍ତ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ସଭାପତି ଉପସ୍ଥିତ ରହି ଶିକ୍ଷାର ବିକାଶ କିପରି ହୋଇପାରିବ, ସେ ନେଇ ଆଲୋଚନା କରିଥିଲେ। ଷ୍ଟାଣ୍ଡିଂ କମିଟିରେ ନଗରପାଳ, ଉପନଗରପାଳ, ସମସ୍ତ ୱାର୍ଡର କାଉନ୍ସିଲର, ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ସଭାପତି, ଜଣେ ଶିକ୍ଷାବିତ୍ ଏବଂ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଏନ୍ଏସି ଅଧୀନ ବିଭିନ୍ନ ସ୍କୁଲରେ ଲାଗି ରହିଥିବା ସମସ୍ୟାକୁ ଉକ୍ତ କମିଟି ଅନୁଧ୍ୟାନ କରିବ। ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନର ବାଟ ବାହାର କରାଯିବ ବୋଲି ସ୍ଥିର ହୋଇଛି। ଏଥିଲାଗି ନଗରପାଳ ସହରର ବୁଦ୍ଧିଜୀବୀ, ଅଭିଭାବକଙ୍କ ସହଯୋଗ ଲୋଡ଼ିଛନ୍ତି। ସାମାଜିକ କର୍ମୀ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ନଗରପାଳଙ୍କ ସମେତ ଅନ୍ୟମାନେ।

# ନନ୍ଦିନୀ ଦେବୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ

**ଢେଙ୍କାନାଳ ଅଫିସ, ୩୦।୭**




ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**'ଆମ ଗାଁ, ଆମ ସାହିତ୍ୟ' କାର୍ଯ୍ୟକ୍ରମ**

ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟ ପରିସରରେ ଶନିବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଆମ ଗାଁ, ଆମ ସାହିତ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ 'ଅଗ୍ନିକନ୍ୟା ନନ୍ଦିନୀ' ଶୀର୍ଷକ ଆଲୋଚନାଚକ୍ରକୁ କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ ସାହୁ ଉଦ୍ଘାଟନ କରି ନନ୍ଦିନୀ ଦେବୀଙ୍କ ସାହିତ୍ୟ, ରାଜନୀତିର ସମନ୍ୱୟାତ୍ମକ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ ଯୋଗଦେଇ ନନ୍ଦିନୀ ଦେବୀ ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. ସୁନୀଲ ରଥ ନନ୍ଦିନୀ ଦେବୀଙ୍କୁ ଓଡ଼ିଆ ନାରୀ ସମାଜ ରୂପକ କମଳର କେଶର ବୋଲି ଅଭିହିତ କରିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରଫେସର ସନାତନ ସାମଲ, ଇଂଲିଶ ଅଧ୍ୟାପକ ପ୍ରମୋଦ କୁମାର ରଥ ପ୍ରମୁଖ ନନ୍ଦିନୀ ଦେବୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଜିଲା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ ନନ୍ଦିନୀ ଦେବୀଙ୍କ ସାହିତ୍ୟକୃତି ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନକୁ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ମୁଖ୍ୟ ପ୍ରସନ୍ନ ସାହୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ବାଙ୍କବିହାରୀ ମଠର ବଡ଼ବାବା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# କପିଳାସ ପାଦଦେଶରେ ସ୍ଥାପନ ହେବ ମହାଦେବଙ୍କ ମୂର୍ତ୍ତି

**ଢେଙ୍କାନାଳ ଅଫିସ, ୩୦।୭**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ପାଦଦେଶରେ ସ୍ଥାପନ ହେବ ମହାଦେବଙ୍କ ଧ୍ୟାନମଗ୍ନ ମୂର୍ତ୍ତି। ୬ ଫୁଟ ଉଚ୍ଚତା ବିଶିଷ୍ଟ ଉକ୍ତ ପ୍ରତିମାକୁ ମୟୂରଭଞ୍ଜ ଜିଲା ଖିଚିଂରେ ନିର୍ମାଣ କରି ଅଣାଯିବ। କଳାମୁଗୁନି ପଥରରେ ନିର୍ମିତ ହେବାକୁ ଥିବା ଏହି ମୂର୍ତ୍ତି ଲାଗି ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ଉକ୍ତ ମୂର୍ତ୍ତିର ମସ୍ତକରୁ ଯେପରି ପାଣି ବାହାରିବ, ସେହି ବ୍ୟବସ୍ଥା ମଧ୍ୟ କରାଯିବ। ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ କପିଳାସ ପାଦଦେଶ ସୌନ୍ଦର୍ଯ୍ୟକରଣ କରାଯାଉଛି। ବାରବାଙ୍କ ରାସ୍ତାରେ ସ୍ଥାୟୀ ଆଲୋକୀକରଣ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହେବ। ଏସବୁ କାର୍ଯ୍ୟରେ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୩୦।୭**

ଢେଙ୍କାନାଳ ଉଫୁନା କାର୍ଯ୍ୟାଳୟରେ ଶନିବାର ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ଏହାକୁ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଭର୍ଚୁଆଲ୍ ମୋଡ୍‌ରେ ଉଦ୍‌ଘାଟନ କରି କହିଲେ, ବନ୍ଧୁ ଓ ବନ୍ଧୁତ୍ୱ ଦେଶଠାରୁ ମହାନ୍। ମୁଖ୍ୟ ଅତିଥି ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ କହିଲେ, ବିପଦ ବେଳେ ରାଜଦ୍ୱାରରେ, ଶ୍ମଶାନରେ ଛିଡା ହେଉଥିବା ବ୍ୟକ୍ତି ପ୍ରକୃତ ବନ୍ଧୁ। ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକ କହିଲେ, ରୁଷିଆ ଓ ଭାରତ ମଧ୍ୟରେ ବନ୍ଧୁତ୍ୱ କଷଟି ପଥରରେ ପରୀକ୍ଷିତ ହୋଇଯାଇଅଛି। ବିପଦ ବେଳେ ରୁଷିଆ ସର୍ବଦା ଭାରତକୁ ଦୃଢ ସମର୍ଥନ ଦେଇ ଆସିଛି। ସମ୍ମାନିତ ଅତିଥି ଭାବେ ଡକ୍ଟର ପ୍ରମୋଦ ନାୟକ, ପରିବେଶବିତ୍ ଉପେନ୍ଦ୍ର ରାଉତ, ଡା. ଶ୍ରୀନିବାସ ହୋତା, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ସାହୁ, ଅବିନାଶ ଦାସ, ସରୋଜ ଶତପଥୀ, କବି ବାହାଦୁର ପାଟସାହାଣୀ, ଅଧ୍ୟାପିକା ମଞ୍ଜୁଶ୍ରୀ ମୁଖି, ଆଇନଜୀବୀ ଦମୟନ୍ତୀ ମହାନ୍ତି, ଦେବଯାନୀ ଲେଙ୍କା, ଦ୍ୱୀପାୟନ ପଟ୍ଟନାୟକ, ଲଳିତ ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅଫିସ୍ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।




ବିଶ୍ୱ ବନ୍ଧୁତ୍ୱ ଦିବସ ପାଳନ କାର୍ଯ୍ୟକ୍ରମରେ ଉଫୁନାର କାର୍ଯ୍ୟକର୍ତ୍ତାବୃନ୍ଦ।

# କିକ୍ ବକ୍ସିଂ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ




**ଢେଙ୍କାନାଳ ଅଫିସ, ୩୦।୭**

କୋଲକାତା ବେହେଲାସ୍ଥିତ ସତ୍ୟବ୍ରତ ରାୟ ଷ୍ଟାଡିୟମରେ ୱାକୋ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ ଚିଲଡ୍ରେନ୍ କ୍ୟାପ୍‌ଟେନ ଓ ଜୁନିୟର କିକ୍ ବକ୍ସିଂ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨ ପ୍ରତିଯୋଗୀ ସମ୍ବର୍ଦ୍ଧିତ ହୋଇଛନ୍ତି। ଆମେଚର କିକ୍ ବକ୍ସିଂ ଆସୋସିଏଶନ ଓଡ଼ିଶା ସହାୟତାରେ ମିହିର କୁମାର ସାନୁ, ବାବି ପ୍ରତିହାରୀଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ଡାଏମଣ୍ଡ କିକ୍ ବକ୍ସିଂ ଆସୋସିଏଶନର ସ୍ମୃତିସ୍ମିତା ଅମାନ୍ତ ଏବଂ ମନୀଷା ବେହେରା ଏଥିରେ ଅଂଶଗ୍ରହଣ କରିଥିଲେ। ସ୍ମୃତିସ୍ମିତା ମ୍ୟୁଜିକାଲ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ କିକ୍ ଲାଇଟ୍ ଇଭେଣ୍ଟରେ ରୌପ୍ୟ ପଦକ ଲାଭ କରିଛନ୍ତି। ସେହିପରି ମନୀଷା ୪୫ ଲାଇଟ୍ କଣ୍ଟାକ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଉଭୟ ଖେଳାଳି ଏବଂ କୋଚଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନ ଉପସଭାପତି ସନ୍ତୋଷ ପରିଡା, ହକି କୋଚ୍ ଫ୍ଲୋରେନ୍ସ ଏକ୍କା ଉପସ୍ଥିତ ଥିଲେ। ଆସୋସିଏଶନ ସଭାପତି ଅରବିନ୍ଦ ବେହେରା, ସମ୍ପାଦକ କୀର୍ତ୍ତିରାଣୀ ସାହୁ, କୋଷାଧ୍ୟକ୍ଷ ମାନସ ରଞ୍ଜନ ଅମାନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ବୃଦ୍ଧଙ୍କ ମୃତଦେହ ଜବତ

**କାମାକ୍ଷାନଗର, ୩୦।୭(ଡି.ଏନ୍.ଏ.)**

କାମାକ୍ଷାନଗର ଥାନାଠାରୁ ୫୦୦ମିଟର ଦୂର ମୁଣ୍ଡିଦେଉଳି ମେଢ଼ଘର ପଛ ଗଳିରୁ ଶନିବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଏସ୍. ଭୀମ ଦାସ। ସେ କାମାକ୍ଷାନଗର ଡାକ୍ତରଖାନା ସମ୍ମୁଖରେ ଜୋତାପଲିସ୍ କରି ଜୀବିକା ନିର୍ବାହ କରୁଥିବାବେଳେ ପରିବାର ସହ କୁମ୍ଭାରଶାଳ ନିକଟରେ ଏକ ଝୁମ୍ପୁଡ଼ିରେ ରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅତ୍ୟଧିକ ନିଶା ସେବନ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# 'ସାମାଜିକ ଜୀବନକୁ ସୁନ୍ଦର କରେ ବିଜ୍ଞାନ'

**ସାତମାଇଲ, ୩୦।୭(ଡି.ଏନ୍.ଏ.)**

ସାତମାଇଲସ୍ଥିତ ଜନତା କଲେଜ ପରିସରରେ ପ୍ରାଣୀବିଜ୍ଞାନ ସମ୍ମାନ ବିଭାଗ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ୱାତୀ ସ୍ୱୟଂପ୍ରଭା ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁଧାଂଶୁ କୁମାର ବେହେରା, ମୁଖ୍ୟବକ୍ତା ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ସାହୁ, ରସାୟନ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ବିପିନ ବିହାରୀ ପତି, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ଅଜୟ ସୁବୁଦ୍ଧି, ସମୀରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନର ଉପକାରିତା ସାମାଜିକ ଜୀବନଶୈଳୀକୁ ସରସ ସୁନ୍ଦର କରିଥାଏ। ହେଲେ ଏହାର ଅପବ୍ୟବହାର ଭୟଙ୍କର ପରିଣତି ଆଣିଥାଏ। ତେଣୁ ବିଜ୍ଞାନକୁ ସମାଜ କଲ୍ୟାଣ ନିମନ୍ତେ ବ୍ୟବହାର କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀ ନିହାରିକା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡେମୋନଷ୍ଟ୍ରେଟର ବିଭୂତି ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବିବେକ ଖଟାଇ କୌଣସି ବିଚାରକୁ ଗ୍ରହଣ କର'

**ଢେଙ୍କାନାଳ ଅଫିସ, ୩୦।୭**




ସର୍ବୋଦୟ ଦିଶାଦର୍ଶନ ଶିବିର ଉଦ୍‌ଘାଟିତ।

**ସର୍ବୋଦୟ ଦିଶାଦର୍ଶନ ଶିବିର ଉଦ୍‌ଘାଟିତ**

ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବଣସିଂହସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇଡିଅଟ୍' ତାଲିମ୍ ଗୃହରେ ୩ଦିନିଆ ଦିଶାଦର୍ଶନ ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। ବିଶିଷ୍ଟ ଗାନ୍ଧୀବାଦୀ ତଥା ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଜଣେ ବିଦେଶୀ ଲେଖକଙ୍କ ଲେଖାରେ ପ୍ରଭାବିତ ହୋଇ ଗାନ୍ଧିଜୀ ସର୍ବୋଦୟ ବିଚାର ଉପରେ ଅଧିକ ଗବେଷଣା କରି ପୁସ୍ତକ ରଚନା କରିଥିଲେ। ସବୁବର୍ଗର ଲୋକଙ୍କ ଯେପରି ବିକାଶ ହୋଇପାରିବ, ତାହାକୁ ଏଥିରେ ଯଥେଷ୍ଟ ଧ୍ୟାନ ଦେଇଥିଲେ। ନିଜ ବୁଦ୍ଧି ବିବେକ ଖଟାଇ କୌଣସି ବିଚାରକୁ ଗ୍ରହଣ କରିବା ଉଚିତ୍ ବୋଲି ମୁଖ୍ୟ ଅତିଥି ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ।

ଢେଙ୍କାନାଳ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସଭାପତି ଡ. ଭବାନୀ ଶଙ୍କର ମିଶ୍ର, କାର୍ଯ୍ୟକାରୀ ସଭାପତି ସରୋଜ ଶତପଥୀ, କଲ୍ୟାଣ ଆନନ୍ଦ, ଶଙ୍କର ଭାଇ, ଡ. ବିଶ୍ୱଜିତ୍ ପ୍ରମୁଖ ବାପୁଜୀ, ସନ୍ଥ ବିନୋବା, ଜୟପ୍ରକାଶଙ୍କ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ଶିଶିର କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ପଟ୍ଟନାୟକ ସ୍ୱାଗତ ଭାଷଣ, ଗାନ୍ଧୀବାଦୀ ଅନ୍ତର୍ଯ୍ୟାମୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଓ ଇଡିଅଟ୍ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଅଧ୍ୟାପକ ସମୀର ସାହୁ, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, ଅଧ୍ୟାପକ ବିଶ୍ୱଜିତ୍ ସ୍ୱାଇଁ, ଆଦ୍ୟଶ୍ଳୋକ ମିଶ୍ର, ଲଳିତ ବେହେରା, ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଯୋରନ୍ଦା ମହିମା ମହାବିଦ୍ୟାଳୟ, ଗୋବିନ୍ଦପୁର ଉତ୍କଳମଣି ମହାବିଦ୍ୟାଳୟ, ବଣସିଂହ ଆଞ୍ଚଳିକ ମହାବିଦ୍ୟାଳୟ, ପଣ୍ଡୁଆ ପାରିମାଳ ମହାବିଦ୍ୟାଳୟ, ବେଲଟିକିରି ଆଞ୍ଚଳିକ ମହାବିଦ୍ୟାଳୟର ୫୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

# ନିଃସ୍ୱାର୍ଥପର ଭାବେ କାମ କରିବାକୁ ଆହ୍ୱାନ

**ସାତମାଇଲ, ୩୦।୭(ଡି.ଏନ୍.ଏ.)**



ଅତିଥିଙ୍କ ଗହଣରେ ମାଟ୍ରିକ ପରୀକ୍ଷାରେ ଏ–୧ ଗ୍ରେଡ୍ ହାସଲ କରିଥିବା କୃତୀ ଛାତୀଛାତ୍ରମାନେ।

**ମେଧାବୀଙ୍କୁ ସମ୍ବର୍ଦ୍ଧନା**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର 'ଆମ ପ୍ରତିଭା, ଆମ ସମ୍ମାନ' ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଏ–୧ ଗ୍ରେଡ୍‌ଧାରୀ ୧୪ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ସଭାପତି ତଥା ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ଯିଏ ଯେଉଁ ସ୍ଥାନରେ ରହିଲେ ମଧ୍ୟ ନିଃସ୍ୱାର୍ଥପର ଭାବେ ସମାଜସେବା କରିବାକୁ ମୁଖ୍ୟ ଅତିଥି ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ବିଡିଓ ସୁରେଶ କୁମାର ବେହେରା, ସିଆରସିସି ସରୋଜିନୀ ବର୍ଗିଆ, ଅନୁଷ୍ଠାନର କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇଙ୍କ ସମେତ ବ୍ଲକ ଓ ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜେନାମଣି ହାଇସ୍କୁଲର ଗୌରବ ପ୍ରଧାନ, ଗାୟତ୍ରୀ ଜେନା, ସ୍ମରଣ ରଞ୍ଜନ ଗନ୍ତାୟତ, ଇନ୍ଦିପୁର ହାଇସ୍କୁଲର ଦିଶାଶ୍ରୀ ମହାରଣା, ଇପ୍ସିତା ପ୍ରଧାନ, ମଣିଦେବୀ ହାଇସ୍କୁଲର ଆଶୁତୋଷ ବାରିକ, ବିଷ୍ଣୁପ୍ରିୟା ବେହେରା, ରଘୁନାଥଜୀଉ ବିଦ୍ୟାମନ୍ଦିରର ସିଦ୍ଧେଶ୍ୱର ସାହୁ, ମଙ୍ଗଳପୁର ପଞ୍ଚାୟତ ହାଇସ୍କୁଲର ସ୍ୱାତୀ ଶ୍ରେୟା ସାହୁ, କୁସୁପଙ୍ଗା ସରକାରୀ ହାଇସ୍କୁଲର ଶ୍ୱେତପର୍ଣ୍ଣା ନାୟକ, ପ୍ରାଚୀପଲ୍ଲବିତା ବେହେରା, ଧଳପୁର ହାଇସ୍କୁଲର ଶାଶ୍ୱତ ସ୍ୱୟାଂଶୁ ବେହେରା, ଗୁଣ୍ଡିଚାପଡ଼ା ହାଇସ୍କୁଲର ତନିଶ କୁମାର ସାହୁ, ଘଟିପିରି ହାଇସ୍କୁଲର ଦୀପୁନ ସାହୁ ଅଛନ୍ତି। ସମସ୍ତଙ୍କୁ ଶବ୍ଦକୋଷ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

